# ନଦୀଟି  ନିଜର ନା ଶିଖେ

## ଦାଜୀ

୧୨୭ତମ ଜନ୍ମବାର୍ଷିକୀ ଅବସରରେ ବାର୍ତ୍ତା

**ପୂଜ୍ୟ ଶ୍ରୀ ବାବୁଜୀ ମହାରାଜଙ୍କ**

ମେ 4,5 ଏବଂ 6, 2026 ଯୋଗାଶ୍ରମ  ଶାହାଜାହାନପୁର

# ନଦୀଟି ନିଜର ନା ଶିଖେ

## ଭୟର ଶକ୍ତି କିପରି ବିଶ୍ୱାସର ମୂଳଦୁଆ ହୁଏ

ପ୍ରିୟ ବନ୍ଧୁଗଣ,

କିଛି ବର୍ଷ ପୂର୍ବେ, ଧ୍ୟାନ ବୈଠକ ପରେ ଜଣେ ଯୁବତୀ ମୋ ପାଖକୁ ଆସିଥିଲେ। ସେ ଅନେକ ବର୍ଷ ଧରି ଆନ୍ତରିକତାର ସହ ଅଭ୍ୟାସ କରୁଥିଲେ, ଏବଂ ତାଙ୍କ ଭିତରେ ପରିବର୍ତ୍ତନ ତାଙ୍କ ଚାରିପାଖରେ ଥିବା ସମସ୍ତଙ୍କୁ ଦୃଶ୍ୟମାନ ହେଉଥିଲା। ସେଠାରେ ଏକ କୋମଳତା, ଗଭୀରତା ଏବଂ ନୀରବତା ଥିଲା ଯାହା ନିଷ୍କ୍ରିୟତା ନୁହେଁ ବରଂ ଉପସ୍ଥିତିକୁ ପ୍ରକାଶ କରୁଥିଲା। ତଥାପି, ସେହି ସକାଳେ ତାଙ୍କ ମୁହଁରେ ଏକ ଅଦ୍ଭୁତ ଦ୍ୱନ୍ଦ୍ୱ ଥିଲା – ଯେତେବେଳେ ଜଣେ ଏପରି କିଛିର ଧାରରେ ଠିଆ ହୁଏ ଯାହା ପାଇଁ ଜଣେ ଏପର୍ଯ୍ୟନ୍ତ ଶବ୍ଦ ଖୋଜି ପାଉନାହିଁ, ସେତେବେଳେ ଏପରି ଦ୍ୱନ୍ଦ୍ୱ ଆସିଥାଏ।

ସେ କହିଲେ, "ଦାଜୀ, ଆଜି ଧ୍ୟାନରେ କିଛି ଅଦ୍ଭୁତ ଘଟଣା ଘଟିଲା। ମୋର ଭୟ ସେଠାରେ ଥିଲା। ମୁଁ ପରିଚିତ କଠିନତାକୁ ଚିହ୍ନିପାରିଲି, କିନ୍ତୁ ଏଥର, ଏହାକୁ ଲଢ଼ିବା କିମ୍ବା ଦୂର କରିବାକୁ ଚେଷ୍ଟା କରିବା ପରିବର୍ତ୍ତେ, ମୁଁ ତାକୁ ଦେଖିଲି। ଏବଂ ଯେତେବେଳେ ମୁଁ ଦେଖୁଥିଲି, ମୁଁ ଲକ୍ଷ୍ୟ କଲି ଯେ ଭୟ ଆଗ୍ରହ ପରି ଅନୁଭବ ହେଉଥିଲା। ଏହା ଏକା ଜିନିଷ ପରି ଥିଲା ଯେପରି – ଏକ ଭିନ୍ନ ମୁଖା ପିନ୍ଧିଛି। ଏହା କ'ଣ ସମ୍ଭବ? ମୁଁ କ'ଣ ଏହାକୁ କଳ୍ପନା କରୁଛି?"

ସେ କିଛି କଳ୍ପନା କରୁନଥିଲେ। ଏକ ନିରବ ବୈଠକରେ ସେହି କଥାଟିକୁ ବୁଝିପାରିଥିଲେ, ଯାହାକୁ ବ୍ୟାଖ୍ୟା କରିବା ପାଇଁ ପୁରାତନ ଋଷିମାନେ ସେମାନଙ୍କର ସମ୍ପୂର୍ଣ୍ଣ ଜୀବନ ବ୍ୟୟ କରିଥିଲେ ସେ ସେହି ଗୁପ୍ତ କଥା ଆବିଷ୍କାର କରିଥିଲେ ଯାହାକୁ ଭୟ ସବୁଠାରୁ ଈର୍ଷାପରାୟଣ ଭାବରେ ରକ୍ଷା କରେ – ଏହି ଭୟ ଆତ୍ମା ବାହାରୁ ଉତ୍ପନ୍ନ ହୁଏ ନାହିଁ, ବରଂ ଆତ୍ମାର ନିଜସ୍ୱ ଶକ୍ତିରୁ ଜନ୍ମ ନିଏ – ଏକ ଶକ୍ତି ଯାହାକୁ ଭୁଲ ଦିଗକୁ ନିଆଯାଇଛି।

ଜାନୁଆରୀ ଏବଂ ଫେବୃଆରୀ ସମୟରେ ବସନ୍ତ ଭଣ୍ଡାରାରୁ ଆସିଥିବା ସନ୍ଦେଶମାନଙ୍କ ଶୃଙ୍ଖଳାରେ, ଆମେ ପ୍ରଶ୍ନଟିଏ  ପଚାରରିଥିଲୁ – ସେ କେଉଁ ଜିନିଷ ଜଣେ ସାଧକଙ୍କୁ ଅପେକ୍ଷିତ ଜୀବନ ବଞ୍ଚିବାରୁ ରୋକି ଦେଉଛି, ଯାହା ତାଙ୍କ ପାଇଁ ଅପେକ୍ଷା କରିଛି? ଏବଂ ଆମେ ସାତଟି ଛାୟାର ଯାତ୍ରା କରିଲୁ – ଇଚ୍ଛାର ବିଭାଜନ, ଉଦ୍ଦେଶ୍ୟର ଆଳସ୍ୟ, ସନ୍ଦେହର କ୍ଷୟ , ଅହଙ୍କାରର ଅଦୃଶ୍ୟ ଛାତ, ଈର୍ଷ୍ୟାର ଧାର ନିଆଯାଇଥିବା ଆଘାତ, ପୂର୍ବାଗ୍ରହର ରଙ୍ଗିନ ଚଷ୍ମା, ଏବଂ ଶେଷରେ ଭୟ – ଯାହା ଅନ୍ୟ ସମସ୍ତଙ୍କ ଭିତରେ ଲୁଚିଥିଲା; ସପ୍ତମ ବିଷ ଭାବରେ ନୁହେଁ, ବରଂ ପ୍ରଥମ ବିଷ ଭାବରେ, ଯାହା ପ୍ରତ୍ୟେକ ପ୍ରକାରର ଭେଷ ଧାରଣ କରିଥିଲା। ଏବଂ ପରେ, ଆମେ ଗୋଟିଏ ଖୋଲା ଦ୍ୱାର ପାଖରେ ପହଞ୍ଚି ଆମର କଥାକୁ ସମାପ୍ତ କଲୁ।

ଆମେ ସେହି ସୀମା ଅତିକ୍ରମ କରି ସେହି କ୍ଷେତ୍ରରେ ପ୍ରବେଶ କରିବା ପୂର୍ବରୁ ଯେଉଁଠାରେ ଜିନିଷଗୁଡ଼ିକ ସମୃଦ୍ଧ ହୁଏ, ଏଠାରେ ଅଟକି ଯିବା ଏବଂ ସେହି ଯୁବତୀ ପ୍ରକୃତରେ କ'ଣ ଆବିଷ୍କାର କଲେ ତାହା ବୁଝିବା ଅତ୍ୟନ୍ତ ଜରୁରୀ। ସେ ଯେଉଁ ଝଲକ ଧରିଥିଲେ ତା' ଭିତରେ ଲୁଚି ରହିଛି ସେହି ଚାବି ଯାହା ସମସ୍ତ ଉପାଦାନଗୁଡ଼ିକୁ ସଂଯୋଗ କରେ – ଯାହାକୁ ଆମର ପୂର୍ବ ବାର୍ତ୍ତାଗୁଡ଼ିକରେ, ଆମେ ପ୍ରତିବନ୍ଧକ ଭାବରେ ବିବେଚନା କରିଥିଲୁ – ଆମେ ବର୍ତ୍ତମାନ ଯାହା ବିକଶିତ କରିବାକୁ ଯାଉଛୁ ତାହା ସହିତ। ଏବଂ ସେ ଯେଉଁ ସମ୍ଭାବନାକୁ ଆବିଷ୍କାର କରିଛନ୍ତି ତାହା କିଛି ନୂଆ ନୁହେଁ; ଏହା ସର୍ବଦା ସେଠାରେ ଉପସ୍ଥିତ ରହିଛି – କେବଳ ଏହାର ପ୍ରକୃତ ରୂପରେ ଚିହ୍ନଟ ହେବା ପାଇଁ ଅପେକ୍ଷା କରିଛି।

**ସେ କେଉଁ ଜିନିଷ ଜଣେ ସାଧକଙ୍କୁ ଅପେକ୍ଷିତ ଜୀବନ ବଞ୍ଚିବାରୁ ରୋକି ଦେଉଛି, ଯାହା ତାଙ୍କ ପାଇଁ ଅପେକ୍ଷା କରିଛି? ଏବଂ ଆମେ ସାତଟି ଛାୟାର ଯାତ୍ରା କରିଲୁ – ଇଚ୍ଛାର ବିଭାଜନ, ଉଦ୍ଦେଶ୍ୟର ଆଳସ୍ୟ, ସନ୍ଦେହର  କ୍ଷୟ, ଅହଙ୍କାରର ଅଦୃଶ୍ୟ ଛାତ, ଇର୍ଷ୍ୟାର ଧାର ନିଆଯାଇଥିବା ଆଘାତ, ପୂର୍ବାଗ୍ରହର ରଙ୍ଗିନ ଚଶ୍ମା, ଏବଂ ଶେଷରେ ଭୟ – ଯାହା ଅନ୍ୟ ସମସ୍ତଙ୍କ ଭିତରେ ଲୁଚିଥିଲା; ସପ୍ତମ ବିଷ ଭାବରେ ନୁହେଁ, ବରଂ ପ୍ରଥମ ବିଷ ଭାବରେ, ଯାହା ପ୍ରତ୍ୟେକ ପ୍ରକାରର ଭେଷ ଧାରଣ କରିଥିଲା। ଏବଂ ପରେ, ଆମେ ଗୋଟିଏ ଖୋଲା ଦ୍ୱାର ପାଖରେ ପହଞ୍ଚି ଆମର କଥାକୁ ସମାପ୍ତ କଲୁ।**

## ଆତ୍ମା ପୂର୍ବରୁ ଜାଣିଥିବା ଶବ୍ଦଟି

ସଂସ୍କୃତରେ, ଏହି କ୍ଷମତାକୁ ଯେ ଶବ୍ଦରେ ବର୍ଣ୍ଣନା କରାଯାଏ, ସେହା ହେଉଛି "ଶ୍ରଦ୍ଧା"। ସାଧାରଣତଃ ଏହାକୁ "ବିଶ୍ୱାସ" ବୋଲି ଅନୁବାଦ କରାଯାଏ, କିନ୍ତୁ ଏହାର ଗଭୀର ଅର୍ଥକୁ ଅନୁସନ୍ଧାନ କରିବା ଯୋଗ୍ୟ। ଏହି ଶବ୍ଦଟି ଦୁଇଟି ମୂଳ ଧାତୁର ସଂଯୋଗରୁ ଗଠିତ। ପ୍ରଥମଟି "ଶ୍ରଦ୍" – ଏହା ହୃଦୟର ଅନ୍ତର୍ନିହିତ ଚେତନାସ୍ଥଳ, ଆମ ଭିତରର ସେହି ସ୍ଥାନ ଯେଉଁଠାରେ ମନ ଭାବିବା ସମାପ୍ତ କରିବା ପୂର୍ବରୁ ଆମେ କିଛିକୁ ସତ୍ୟ ବୋଲି ଅନୁଭବ କରିଥାଉ। ଦ୍ୱିତୀୟଟି "ଧା" – ଯାହାର ଅର୍ଥ ହେଉଛି ରଖିବା, ଦୃଢ଼ଭାବରେ ସ୍ଥାପନ କରିବା। ଏହି ଦୁଇଟି ମିଶି ଏମିତି ଏକ ଅର୍ଥ ହୁଏ ଯାହା "ବିଶ୍ୱାସ"ର ସାଧାରଣ ବୁଝାମଣା ହୃଦୟକୁ କୌଣସି ସ୍ଥାନରେ ସ୍ଥାପନ କରି ଯଥାର୍ଥରେ ପ୍ରତିଷ୍ଠା କରିବା ପାଇଁ ପହଞ୍ଚି ପାରେ ନାହିଁ।

ଆମେ ଯେପରି ମତାମତ ଚୟନ କରୁ, ସେହିପରି ଶ୍ରଦ୍ଧା ଚୟନ କରୁ ନାହିଁ। ବରଂ, ଏହା ଏକ କମ୍ପାସ ଛୁଞ୍ଚି ପ୍ରକୃତ ଉତ୍ତର ଖୋଜିବାପରି ସୃଷ୍ଟି ହୁଏ – ତର୍କ ମାଧ୍ୟମରେ ନୁହେଁ, ସଂରଚନା ମାଧ୍ୟମରେ। ଏହା ଏକ ବିଶ୍ୱାସ ନୁହେଁ ଯାହାକୁ ଆମେ ଧରି ରଖୁ, ବରଂ ଆମେ ଯେଉଁ ଭୂମି ଉପରେ ଠିଆ ହୋଇଛୁ।

# ଭୟ ଶ୍ରଦ୍ଧା ର ବିପରୀତ ନୁହେଁ

ଆସନ୍ତୁ ଆମେ ସେହି ଯୁବତୀଙ୍କ ପ୍ରଶ୍ନକୁ ଫେରିଯିବା, କାରଣ ସେ ପ୍ରକୃତରେ ଏକ ମହାନ ଗୁରୁତ୍ୱପୂର୍ଣ୍ଣ ଜିନିଷରେ ଝୁଣ୍ଟି ପଡ଼ିଥିଲେ। ସେ ଦେଖିଥିଲେ ଯେ ଭୟ ଏବଂ ଆକାଂକ୍ଷା  – ଏହି ଦୁଇଟି ଜିନିଷ ପ୍ରକୃତରେ ଏକ ସମାନ ଅନୁଭବ ହୁଏ; ସେମାନେ କେବଳ ଭିନ୍ନ ଭିନ୍ନ ମୁଖା ପିନ୍ଧିଥାନ୍ତି। ସେ ସମ୍ପୂର୍ଣ୍ଣ ଠିକ୍ ଥିଲେ – କେବଳ ରୂପକ ଭାବରେ ନୁହେଁ, ଗଠନମୂଳକ ଭାବରେ ମଧ୍ୟ।

ଭୟ କିପରି କାର୍ଯ୍ୟ କରେ? ଏହା ସେତେବେଳେ ଉତ୍ପନ୍ନ ହୁଏ ଯେତେବେଳେ ମନ ସଚେତନ ଚିନ୍ତାଧାରାର ସୀମା ତଳେ ଏକ ବିପଦକୁ ବାସ୍ତବ ଏବଂ ଅନିବାର୍ଯ୍ୟ ମନେ କରେ। ଶରୀର କଠିନ ହୋଇଯାଏ ଏବଂ ନିଷ୍ପତ୍ତିଗୁଡ଼ିକ କଳ୍ପିତ ବିପର୍ଯ୍ୟୟ ଦ୍ୱାରା ଆକାରିତ ହୁଏ। ଏଡାଇବା, ସୁରକ୍ଷା ଏବଂ ପ୍ରତିରକ୍ଷା ପାଇଁ ଶକ୍ତି ପ୍ରବାହିତ ହୁଏ। ବର୍ତ୍ତମାନ, ଏହା ଶ୍ରଦ୍ଧାର ଗଠନ ସହିତ ସମାନ, ଯାହାର ଗଭୀର ଆନ୍ତରିକ ବିଶ୍ୱାସ ପାଇଁ ସମାନ କ୍ଷମତା ଅଛି, ଏବଂ ପ୍ରମାଣିତ ହେବା ପୂର୍ବରୁ କିଛିକୁ ବାସ୍ତବ ଅନୁଭବ କରାଇବାର ସମାନ କ୍ଷମତା ଅଛି। କେବଳ ଦିଗ ହେଉଛି ପାର୍ଥକ୍ୟ। ଶ୍ରଦ୍ଧାରେ, ହୃଦୟ ସତ୍ୟ ଆଡ଼କୁ ନିଜକୁ ନିୟୋଗ କରେ, ଯେତେବେଳେ ଭୟରେ, ହୃଦୟ ନିଜକୁ ବିପଦ ଆଡ଼କୁ ନିୟୋଗ କରେ।

**ଠିକ୍ ଭାବରେ ବୁଝିପାରିଲେ, ଭୟ ଶ୍ରଦ୍ଧାର ଶତ୍ରୁ ନୁହେଁ, ଏହା ନିର୍ବାସନରେ ଶ୍ରଦ୍ଧା। ଏହା ଆତ୍ମାର ଦୃଢ଼ ଶ୍ରଦ୍ଧା ପାଇଁ କ୍ଷମତାର ଏକ ଓଲଟା ପ୍ରକାଶନ – ଯାହା ପ୍ରସାରଣ ଅପେକ୍ଷା ସଂକୋଚନ ଆଡ଼କୁ ଇଙ୍ଗିତ କରେ। ଏହି କାରଣରୁ ପ୍ରତ୍ୟେକ ପ୍ରକୃତ ଆଧ୍ୟାତ୍ମିକ ପରମ୍ପରା ନିର୍ଭୀକତାକୁ ଏକ ଆଭ୍ୟନ୍ତରୀଣ ଶତ୍ରୁର ଦମନ ଭାବରେ ନୁହେଁ, ବରଂ ଏକ ଗୃହପ୍ରବର୍ତ୍ତନ ଭାବରେ ବିବେଚନା କରେ। ଏହା ଏକ ଶକ୍ତିର ପ୍ରତ୍ୟାବର୍ତ୍ତନ ଯାହା ସର୍ବଦା ନିହିତ  ଥିଲା, ଶେଷରେ ଠିକ୍ ଦିଗ ପାଇଲା।**

ଠିକ୍ ଭାବରେ ବୁଝିପାରିଲେ, ଭୟ ଶ୍ରଦ୍ଧାର ଶତ୍ରୁ ନୁହେଁ, ଏହା ନିର୍ବାସନରେ ଶ୍ରଦ୍ଧା। ଏହା ଆତ୍ମାର ଦୃଢ଼ ଶ୍ରଦ୍ଧା ପାଇଁ  କ୍ଷମତାର ଏକ ଓଲଟା ପ୍ରକାଶନ – ଯାହା ପ୍ରସାରଣ ଅପେକ୍ଷା ସଂକୋଚନ ଆଡ଼କୁ ଇଙ୍ଗିତ କରେ। ଏହି କାରଣରୁ ପ୍ରତ୍ୟେକ ପ୍ରକୃତ ଆଧ୍ୟାତ୍ମିକ ପରମ୍ପରା ନିର୍ଭୀକତାକୁ ଏକ ଆଭ୍ୟନ୍ତରୀଣ ଶତ୍ରୁର ଦମନ ଭାବରେ ନୁହେଁ, ବରଂ ଏକ ଗୃହପ୍ରବର୍ତ୍ତନ ଭାବରେ ବିବେଚନା କରେ। ଏହା ଏକ ଶକ୍ତିର ପ୍ରତ୍ୟାବର୍ତ୍ତନ ଯାହା ସର୍ବଦା ନିହିତ ଥିଲା, ଶେଷରେ ଠିକ୍ ଦିଗ ପାଇଲା।

ବୃହଦାରଣ୍ୟକ ଉପନିଷଦ ଏଠାରେ ଏକ ତାଲା ରେ ତାର ଚାବି ଫିଟ ହେବ ପରି ସୁଯୋଗ୍ୟ ସୂଚନା ଦେଇଥାଏ: "ଦ୍ୱିତୀୟାଦ୍ ବୈ ଭୟଂ ଭବତି," ଯାହାର ଅର୍ଥ – "ଦ୍ୱିତୀୟ ଅସ୍ତିତ୍ୱରୁ ଭୟ ଉଦ୍ଭବ ହୁଏ।" ଏଠାରେ "ଦ୍ୱିତୀୟ ଅସ୍ତିତ୍ୱ" ବୋଲି କୁହାଯାଇଛି ଦ୍ୱୈତତାକୁ, ଅର୍ଥାତ୍ ମୂଳ ସ୍ରୋତରୁ ଅଲଗା ହୋଇଥିବାର ଅନୁଭବ। ସେହିପରି, ଭୟ ଉଦ୍ଭବ ହୁଏ ଅଲଗା ହୋଇଥିବାର ଅନୁଭବରୁ। ଯେତେବେଳେ ଆତ୍ମା ନିଜର ସ୍ରୋତ ସହିତ ସମ୍ପର୍କକୁ ଭୁଲିଯାଏ, ସେତେବେଳେ ସେ ନିଜକୁ ଛୋଟ, ଏକାକୀ ଅନୁଭବ କରି ସ୍ୱୟଂକୁ ସୁରକ୍ଷା ଦେବା ଆରମ୍ଭ କରେ। ଏହି ସୁରକ୍ଷା ପ୍ରକ୍ରିୟା ସ୍ୱାଭାବିକ, ଗଭୀର ମାନବୀୟ, କିନ୍ତୁ ଏହା ହିଁ ଆତ୍ମାକୁ ତାର ଘରକୁ ଫେରିବା ପଥରୁ ଦୂରରେ ରଖେ। ଏହା ଏକ ଦୁର୍ଗ ପରି – ଯାହା ବତାସକୁ ବାହାରେ ରଖିବା ସହିତ ସହିତ ଆଲୋକକୁ ମଧ୍ୟ ଭିତରକୁ ପ୍ରବେଶ କରିବାକୁ ଦିଏ ନାହିଁ।

ବାବୁଜୀ ଏ ବିଷୟରେ ପିତାମାତା ସୁଲଭ  କୋମଳତା ସହିତ କହିଥିଲେ ଯେପରି ପିତାମାତା ଜାଣନ୍ତି ଯେ ସେମାନଙ୍କ ପିଲା ଘରକୁ ରାସ୍ତା ଭୁଲିଯାଇଛି। ତୁମେ ନିଜ ଭିତରେ ଯେଉଁ ଭୟ ବହନ କରୁଛ ତାହା ତୁମର ଚାରିତ୍ରିକ ତ୍ରୁଟି ନୁହେଁ; ବରଂ ଏହା ଆତ୍ମାର 'ଉତ୍ସ' ଠାରୁ ପୃଥକ ହେବା ର ପ୍ରତିକ୍ରିୟା। ଏହା ମୂଳତଃ 'ଘର ବ୍ୟାଧି' ବ୍ୟତୀତ ଆଉ କିଛି ନୁହେଁ – ଘର ବ୍ୟାଧି ଯାହା ଚିନ୍ତାର ମୁଖା ପିନ୍ଧିଛି। ଏବଂ ଏହି 'ଘର ବ୍ୟାଧି'ର ଉପଚାର ତର୍କ କିମ୍ବା ଯୁକ୍ତିରେ ନୁହେଁ, ବରଂ 'ଘରେ ପହଞ୍ଚିବା'ର ପ୍ରକୃତ ଅଭିଜ୍ଞତାରେ ରହିଛି।

> ତୁମେ ନିଜ ଭିତରେ ଯେଉଁ ଭୟ ବହନ କରୁଛ ତାହା ତୁମର ଚାରିତ୍ରିକ ତ୍ରୁଟି ନୁହେଁ; ବରଂ ଏହା ଆତ୍ମାର 'ଉତ୍ସ' ଠାରୁ ପୃଥକ ହେବା ର ପ୍ରତିକ୍ରିୟା। ଏହା ମୂଳତଃ 'ଘର ବ୍ୟାଧି' ବ୍ୟତୀତ ଆଉ କିଛି ନୁହେଁ - ଘର ବ୍ୟାଧି ଯାହା ଚିନ୍ତାର ମୁଖା ପିନ୍ଧିଛି। ଏବଂ ଏହି 'ଘର ବ୍ୟାଧି'ର ଉପଚାର ତର୍କ କିମ୍ବା ଯୁକ୍ତିରେ ନୁହେଁ, ବରଂ 'ଘରେ ପହଞ୍ଚିବା'ର ପ୍ରକୃତ ଅଭିଜ୍ଞତାରେ ରହିଛି।

## ଯେଉଁଠି ହୃଦୟ ବିଶ୍ରାମ କରେ, ଜୀବନ ପ୍ରବାହିତ ହୁଏ

ଭଗବଦ୍ ଗୀତା ଏହି କଥାକୁ ଏତେ ସଠିକ ଭାବରେ କହେ ଯେ ଶଦୀୟ ଚିନ୍ତନ ପରେ ମଧ୍ୟ ଏହା ଆଶ୍ଚର୍ଯ୍ୟଜନକ ରହିଛି। ସତରହତମ ଅଧ୍ୟାୟରେ, କୃଷ୍ଣ କହନ୍ତି, "ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ," ଯାହାର ଅର୍ଥ ହେଉଛି, "ଯେଉଁ ବସ୍ତୁରେ ଜଣେ ବ୍ୟକ୍ତିର ଶ୍ରଦ୍ଧା ଥାଏ, ସେ ସେହିପରି ହୋଇଯାଏ।" ମୁଁ ଆପଣଙ୍କୁ ଏହି ଶବ୍ଦଗୁଡିକୁ ଧୀରେ ଧୀରେ ପଢିବାକୁ ଆମନ୍ତ୍ରଣ କରୁଛି। ଏହି ଶବ୍ଦଗୁଡିକ ଆପଣ କଣ ବିଶ୍ୱାସ କରନ୍ତି ସେଥି ପାଇଁ ନୁହେଁ; ବରଂ ଏହା ଆପଣଙ୍କ ହୃଦୟ କେଉଁଠି ଲାଗିଛି ଏବଂ ଆପଣଙ୍କ ଅନ୍ତର୍ମନର ବିଶ୍ୱାସ କେଉଁଠି ଅଛି ସେଥି ପାଇଁ କହୁଛି। ଏବଂ ଏହି ଦାବି ଅତ୍ୟନ୍ତ ମୌଳିକ – ଯେଉଁ ବସ୍ତୁରେ ହୃଦୟ ତାର ସବୁଠାରୁ ଗଭୀର ସ୍ତରରେ ବିଶ୍ୱାସ କରେ, ସେହିଟା କେବଳ ଜୀବନର ଦିଗକୁ ନୁହେଁ, ଆତ୍ମାର ମୂଳ ସ୍ୱରୂପକୁ ମଧ୍ୟ ଗଢ଼ି ତୋଳେ।

ଏହା ଏକା ଧାରାରେ ଗମ୍ଭୀର ଏବଂ ମୁକ୍ତିଦାୟକ ଅଟେ। ଗମ୍ଭୀର ଏହି କାରଣରୁ ଯେ ଏହାର ଅର୍ଥ ହେଉଛି ଆମେ ଯେଉଁ ଜୀବନ ଜୀଇଁଛୁ, ସେହିଟା ସେହି ବସ୍ତୁର ପ୍ରକାଶ ଯଉଥିରେ ଆମେ ସବୁଠାରୁ ଗଭୀର ଭାବରେ ଭରସା କରିଛୁ – ସେଟା ନୁହେଁ ଯାହାକୁ ଆମେ କହୁଛୁ ଯେ ଆମେ ବିଶ୍ୱାସ କରୁଛୁ ବରଂ ସେଇଟା ଯେଉଁଠି ହୃଦୟ ନିରବ ଏବଂ ନିରନ୍ତର ଭାବରେ ତାର ଭାର ରଖିଛି। ଏବଂ ଯଦି ଶ୍ରଦ୍ଧା ଭୟରେ ନିହିତ ଥାଏ, ତେବେ ଜୀବନ ସୁରକ୍ଷା ଏବଂ ରକ୍ଷାର ଚାରିପାଖରେ ହିଁ ଗଢ଼ିଉଠିବ। ମୁକ୍ତିଦାୟକ ଏହି କାରଣରୁ ଯେ ଏହାର ଅର୍ଥ ହେଉଛି ଆବଶ୍ୟକ ପରିବର୍ତ୍ତନ

ପ୍ରତ୍ୟେକ କାର୍ଯ୍ୟ ଏବଂ ପ୍ରତ୍ୟେକ ଚିନ୍ତାକୁ ପୁଣିଥରେ ଲେଖିବାର କ୍ଳାନ୍ତିକର କାମ ନୁହେଁ। ଏହା ଏକ ଅଧିକ ମୌଳିକ ପରିବର୍ତ୍ତନ – ଏହା ପଚାରିବାରେ ଯେ, "ମୋର ହୃଦୟ କେଉଁଠି ଟିକିଛି? ଏବଂ ଏହା କଣ ସେହି ଦିଗ ଯାହାକୁ ମୁଁ ପ୍ରକୃତରେ ଚୟନ କରିଛି?"

ଯେତେବେଳେ ଶ୍ରଦ୍ଧା ପରିବର୍ତ୍ତିତ ହୁଏ, ଅର୍ଥାତ୍ ହୃଦୟ ତାର ଭାରକୁ ଭୟ ଆଡକୁ ନୁହେଁ, ସତ୍ୟ ଆଡକୁ ରଖେ, ସେତେବେଳେ ତା ପରେ ଆସୁଥିବା ସବୁକିଛି ପରିବର୍ତ୍ତିତ ହୁଏ। ଏହା ଏକା ଥରେ ଘଟେ ନାହିଁ, ଏବଂ ଅନାୟାସ ଭି ନୁହେଁ, କିନ୍ତୁ ଏହା ସ୍ୱାଭାବିକ ଭାବେ ଘଟେ – ଯେପରିକି ନଦୀ ଥରେ ସମୁଦ୍ରକୁ ପାଇଲେ ପୁଣି ବହିବା ପାଇଁ କାହାର ପ୍ରେରଣା ଦରକାର କରେ ନାହିଁ।

## ନଦୀଟି ଏବଂ ତାର ନାମ

ଆପଣଙ୍କର ମନେ ଅଛି କି 'ବିଭକ୍ତ ହୃଦୟ' – ଫେବୃଆରୀ 2, 2026 ର ସେହି ବାର୍ତ୍ତା? ଆମେ ଏହାକୁ ଏଠାରେ ଏହି ଆବିଷ୍କାର ସହିତ ସମାପ୍ତ କରୁଛୁ ଯେ ସେହି ବିଭାଜନକାରୀ ଶକ୍ତି – ଭୟ – ପ୍ରକୃତରେ କେବେ ବାହ୍ୟ ଅନୁପ୍ରବେଶକାରୀ ନଥିଲା; ଏହା କେବଳ ବିପରୀତ ଦିଗରେ ପ୍ରବାହିତ ଏକ ନଦୀ ଥିଲା। ଏବଂ ଏକ ନଦୀ ତା'ର ନାମ ଶିଖିପାରିବ।

ଆମ ଯୁବତୀ କିଛି ନୂଆ ଶିଖି ନଥିଲେ, ସେ ପୁରୁଣା କିଛି ମନେ ରଖିଥିଲେ। ସେ ଯେଉଁ କ୍ଷମତା ଆବିଷ୍କାର କରିଥିଲେ ତାହା ସବୁବେଳେ ସେଠାରେ ଥିଲା, କିନ୍ତୁ ଏହା ତାଙ୍କ ଜୀବନର ଅଧିକାଂଶ ସମୟ ପାଇଁ ଭୟ ଭାବରେ ପ୍ରକାଶିତ ହୋଇଥିଲା। ଏବେ, ଏହା ନୀରବରେ ଏବଂ ଅପରିବର୍ତ୍ତନୀୟ ଭାବରେ ଏହାର ପ୍ରକୃତ ଦିଗ ଅନୁସରଣ ଆରମ୍ଭ କରିଥିଲା। କେବଳ ତାଙ୍କୁ ଯାହା କରିବାକୁ ପଡ଼ିଥିଲା ତାହା ଥିଲା – ନଦୀ ତା'ର ନାମ ଜାଣିବା ପାଇଁ ଯଥେଷ୍ଟ ସମୟ ସ୍ଥିର ବସି ରହିବା।

ଶ୍ରଦ୍ଧା ପ୍ରୟାସ ଦ୍ୱାରା ସୃଷ୍ଟି ହେବାର ଜିନିଷ ନୁହେଁ। ଗଭୀରତମ ଅର୍ଥରେ, ଏହା ଆତ୍ମାର ସ୍ମୃତି। ଆମ ପ୍ରତ୍ୟେକଙ୍କ ଭିତରେ ଥିବା କିଛି ଜିନିଷ ଘରର ଦିଗକୁ

**ଶ୍ରଦ୍ଧା ପ୍ରୟାସ ଦ୍ୱାରା ସୃଷ୍ଟି ହେବାର ଜିନିଷ ନୁହେଁ। ଗଭୀରତମ ଅର୍ଥରେ, ଏହା ଆତ୍ମାର ସ୍ମୃତି। ଆମ ପ୍ରତ୍ୟେକଙ୍କ ଭିତରେ ଥିବା କିଛି ଜିନିଷ ଘରର ଦିଗକୁ ପୂର୍ବରୁ ଜାଣିଛି। ଆମେ ଯେଉଁ ଆଗ୍ରହ ଅନୁଭବ କରୁ, ପ୍ରାତଃକାଳରେ ଆସୁଥିବା ଉତ୍ତେଜନା, ଧ୍ୟାନ ପରେ ନୀରବତାରେ, ଏବଂ ବାହାରୁ ସମ୍ପୂର୍ଣ୍ଣ ଦେଖାଯାଉଥିବା ଜୀବନ ପ୍ରତି ଅବର୍ଣ୍ଣନୀୟ ଅସନ୍ତୋଷ, ତାହା ହେଉଛି ଆତ୍ମା ସ୍ମରଣ କରୁଛି। ଏହା ଏହାର ପ୍ରାରମ୍ଭିକ ରୂପରେ ଶ୍ରଦ୍ଧା, ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବୃଦ୍ଧି ପାଇନାହିଁ, କିନ୍ତୁ ନିସନ୍ଦେହରେ ଜୀବିତ।**

ପୂର୍ବରୁ ଜାଣିଛି। ଆମେ ଯେଉଁ ଆଗ୍ରହ ଅନୁଭବ କରୁ, ପ୍ରାତଃକାଳରେ ଆସୁଥିବା ଉତ୍ତେଜନା, ଧ୍ୟାନ ପରେ ନୀରବତାରେ, ଏବଂ ବାହାରୁ ସମ୍ପୂର୍ଣ୍ଣ ଦେଖାଯାଉଥିବା ଜୀବନ ପ୍ରତି ଅବର୍ଣ୍ଣନୀୟ ଅସନ୍ତୋଷ, ତାହା ହେଉଛି ଆତ୍ମା ସ୍ମରଣ କରୁଛି। ଏହା ଏହାର ପ୍ରାରମ୍ଭିକ ରୂପରେ ଶ୍ରଦ୍ଧା, ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ବୃଦ୍ଧି ପାଇନାହିଁ, କିନ୍ତୁ ନିସନ୍ଦେହରେ ଜୀବିତ।

ଏହା କେଉଁ ରୂପରେ ବିକଶିତ ହୁଏ – ଏବଂ ଏହା କ'ଣ ନିର୍ଣ୍ଣୟ କରେ ଯେ ଦୁଇଟି ବ୍ୟକ୍ତି, ଗୋଟିଏ ଧ୍ୟାନ ପ୍ରକୋଷ୍ଠରେ ପାଖାପାଖି ବସି ସମାନ ନୀରବତା ମଧ୍ୟରେ ସମାନ ପ୍ରାଣାହୁତି ଗ୍ରହଣ କରି, ସେହି ଅଧିବେଶନରୁ ଗୋଟିଏ ଆଳୁ ଏବଂ ଗୋଟିଏ ଅଣ୍ଡା ଫୁଟୁଥିବା ପାଣି ପାତ୍ରରେ ରନ୍ଧା ହେବା ପରି ପରସ୍ପରଠାରୁ ଭିନ୍ନ ଭାବରେ ବାହାରି ପାରିବେ? ଏହି ପ୍ରଶ୍ନଟି ଆମେ ଆମର ପରବର୍ତ୍ତୀ ବାର୍ତ୍ତାରେ ଆଲୋଚନା କରିବୁ।

ପ୍ରେମ ଏବଂ ପ୍ରାର୍ଥନା ସହିତ
କମଲେଶ

# *There's More Waiting For You*

to go a little deeper

## HEARTFULNESS APP

A Quiet Place to Start

Carry your practice with you — download the free app and connect with a personal trainer  anytime.

Free Download. Daily practice. Trainer always Available.

Heartfulnessapp.org

## MASTERCLASSES

Go Deeper at Home

Learn with Daaji relaxation, meditation, cleaning, and prayer through three freely offered video sessions.

Free Videos. Learn from Daaji. 3 classes.

Heartfulness.org/global/masterclass

## RETREAT

Time for Just You

Step away from the noise and into a peaceful weekend that quietly deepens everything.

Peaceful Setting. Deepen Practice. Weekend Stays.

Heartfulness.org/global/retreat

## HEARTSPOTS

Find a Centre Near You

Your nearest meditation centre is closer than you think  at no cost.

6000+ Centres. Heartful Community. Free to Visit.

Heartspots.heartfulness.org

Scan to download the free app, always there when you need it.
Start with a guided session, and let the practice find its own rhythm in you.
The journey inward begins with a single, still moment.

heartfulness

purity weaves destiny